**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**

**<u>ଏଫ୍ ଏ ଓ ସଂଖ୍ୟା 776 / 2014</u>**

(ଡବ୍ଲ୍ୟୁ.ସି. ମାମଲା ସଂଖ୍ୟା 218-D/2007 ରେ କର୍ମଚାରୀ କ୍ଷତିପୂରଣ-ତଥା-ଉପ ଶ୍ରମ ଆୟୁକ୍ତ ପାଇଁ ବିଜ୍ଞ ଆୟୁକ୍ତଙ୍କ ଦ୍ୱାରା 27 ଜୁନ୍, 2014 ତାରିଖର ପାରିତ ରାୟରୁ)

***ପ୍ରସନ୍ନ କୁମାର ଚୌଧୁରୀ*** ....... ***ଆବେଦନକାରୀ***

*-ବନାମ -*

***ଅଧ୍ୟକ୍ଷ, ପାରାଦୀପ ବନ୍ଦର ନ୍ୟାସ*** ....... ***ଉତ୍ତରଦାତା***

ଏହି ମାମଲାରେ ଉପସ୍ଥିତ ଥିବା ଅଧିବକ୍ତା(ଗଣ):-

| | | |
|---|---|---|
| ଆବେଦନକାରୀ ପାଇଁ | : | ଶ୍ରୀଯୁକ୍ତ ରଘୁନାଥ ବିଶ୍ୱାଳ, ଅଧିବକ୍ତା |
| ଉତ୍ତରଦାତାଙ୍କ ପାଇଁ | : | ଶ୍ରୀଯୁକ୍ତ ଆଦିତ୍ୟ ମିଶ୍ର, ଅଧିବକ୍ତା ଏବଂ<br>ଶ୍ରୀଯୁକ୍ତ ପି.ଏସ୍. ଆଚାର୍ଯ୍ୟ, ଅଧିବକ୍ତା |

**ପୀଠାସୀନ : ନ୍ୟାୟମୂର୍ତ୍ତି ବି.ପି. ରାଉତରାୟ**

**<u>ରାୟ</u>**

***15 ଡିସେମ୍ବର, 2023***

***<u>ବି. ପି. ରାଉତରାୟ, ନ୍ୟାୟମୂର୍ତ୍ତି</u>***

**1.** ବର୍ତ୍ତମାନର ଆବେଦନ ଡବ୍ଲ୍ୟୁ.ସି. ମାମଲା ସଂଖ୍ୟା 218-D/2007 ଯେଉଁଥିରେ କର୍ମଚାରୀଙ୍କୁ କ୍ଷତିପୂରଣ ପ୍ରଦାନ କରୁଥିବା ଆୟୁକ୍ତ-ତଥା-ଉପ ଶ୍ରମ ଆୟୁକ୍ତ, କଟକଙ୍କ ଦ୍ୱାରା ପାରିତ 27.06.2014 ତାରିଖର ଆଦେଶ, ଯେଉଁଥିରେ ପୂର୍ବରୁ ପ୍ରାପ୍ତ ରାଶି 2,62, 870/- ଟଙ୍କାକୁ ନିର୍ଣ୍ଣିତ ହୋଇଥିବା କ୍ଷତିପୂରଣ ରାଶିରୁ ବାଦ୍ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି, ତାହା ବିରୁଦ୍ଧରେ ଆହତ ଦାବିଦାରଙ୍କର ଆପତ୍ତିଟି ନିର୍ଦ୍ଦେଶିତ ।

2. ଦାବିଦାର-ଆବେଦନକାରୀ, ପାରାଦୀପ ବନ୍ଦର ନ୍ୟାସ ଅଧୀନରେ କାର୍ଯ୍ୟ କରୁଥିଲେ ଏବଂ ତାଙ୍କ ଚାକିରି ସମୟରେ ତା 28.04.2005 ରେ ଦୁର୍ଘଟଣା ଘଟିଥିଲା ଯାହାର ଫଳସ୍ୱରୂପ ରୋଜଗାର କ୍ଷମତାର 70 ପ୍ରତିଶତ କ୍ଷତି ହୋଇଥିଲା ।

3. ଆବେଦନକାରୀ ବିଜ୍ଞ ଆୟୁକ୍ତଙ୍କ ସମ୍ମୁଖରେ ଶ୍ରମିକ କ୍ଷତିପୂରଣ ମାମଲା ସଂଖ୍ୟା 218-D/2007 ଦାଖଲ କରିଥିଲେ ଏବଂ ସୂଚନା ପାଇବା ପରେ, ନିଯୁକ୍ତିଦାତା-ଉତ୍ତରଦାତା (ପାରାଦୀପ ବନ୍ଦର ନ୍ୟାସ) କର୍ମଚାରୀ କ୍ଷତିପୂରଣ ଅଧିନିୟମ, 1923 (ଏହା ପରେ "ଅଧିନିୟମ" ଭାବରେ ଦର୍ଶାଯାଇଛି) ର ଧାରା 4 (1) ଅନୁଯାୟୀ କ୍ଷତିପୂରଣ ପାଇଁ 2,62,870/- ଟଙ୍କାର ରାଶି ଜମା କରିଥିଲେ । ଏହାପରେ 9.5.2008 ରେ ଦାବିଦାରଙ୍କୁ ସେହି ଅର୍ଥ ପ୍ରଦାନ କରାଯାଇଥିଲା । ତେବେ କ୍ଷତିପୂରଣ ରାଶିକୁ ବିରୋଧ କରି ଦାବିଦାର ମାମଲା ଲଢିଥିଲେ ଏବଂ ଶେଷରେ ଅଧିନିୟମର ଧାରା 19 ଅନୁଯାୟୀ ବିଜ୍ଞ ଆୟୁକ୍ତ 3,75,528/- ଟଙ୍କା ଅଧିନିର୍ଣ୍ଣୟ କରିବାକୁ ନିଷ୍ପତ୍ତି ନେଇଥିଲେ । ଦାବିଦାରଙ୍କୁ ପ୍ରଦାନ କରାଯାଇଥିବା ରାଶିକୁ ଧ୍ୟାନରେ ରଖି ବିଜ୍ଞ ଆୟୁକ୍ତ ପ୍ରତିବାଦୀଙ୍କୁ ବାର୍ଷିକ @12% ସୁଧ ସହିତ ବଳକା ରାଶି ଜମା କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

4. ଆବେଦନକାରୀଙ୍କ ଯୁକ୍ତି ହେଉଛି ଯେ, ତାଙ୍କୁ ପୂର୍ବରୁ ପ୍ରଦାନ କରାଯାଇଥିବା ରାଶିକୁ ଏପରି ବାଦ୍ ଦିଆଯିବା ବେଆଇନ ଏବଂ ବିଜ୍ଞ ଆୟୁକ୍ତଙ୍କ ନିର୍ଦ୍ଦେଶ ଅନୁଯାୟୀ ତାଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ ରାଶି ପ୍ରଦାନ କରାଯିବା ଉଚିତ ।

5. ଅଧିନିୟମ 4 (1) ସହିତ ଧାରା 8, ନ୍ୟାୟ ନିର୍ଣ୍ଣୟ କରିବା ପୂର୍ବରୁ ନିଯୁକ୍ତିଦାତାଙ୍କ ଦ୍ୱାରା କ୍ଷତିପୂରଣ ରାଶି ଜମା କରିବା ପାଇଁ ସ୍ପଷ୍ଟ କରିଥାଏ । ଆଇନ ଭଲ ଭାବରେ ସ୍ଥିରୀକୃତ ଯେ, ଅଧିନିୟମର ଧାରା 8 ଅନୁଯାୟୀ କ୍ଷତିପୂରଣ ବାବଦରେ ଜମାରାଶିକୁ ନିର୍ଣ୍ଣିତ କ୍ଷତିପୂରଣ ରାଶିରୁ ବାଦ୍ ଦିଆଯାଏ । ଏହା ମଧ୍ୟ ଆଇନ ଅନୁଯାୟୀ ବାଞ୍ଛନୀୟ ଯେ ଦୁର୍ଘଟଣା ଦିନଠାରୁ କ୍ଷତିପୂରଣ ପ୍ରଦାନ କରାଯିବା ଉଚିତ । ***ପ୍ରତାପ ନାରାୟଣ ସିଂହ ଦେଓ ବନାମ ଶ୍ରୀନିବାସ ସାବତ, 1976 (1) SCC***

*289 ଏବଂ କେରଳ ରାଜ୍ୟ ବିଦ୍ୟୁତ ବୋର୍ଡ ବନାମ ଭାଲସାଲା କେ., (1999) 8 SCC 254* ମାମଲାରେ, ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେଇଛନ୍ତି ଯେ, ଦୁର୍ଘଟଣା ତାରିଖଠାରୁ କ୍ଷତିପୂରଣ ରାଶି ଦେବାକୁ ପଡ଼ିବ । ତେଣୁ, ବିଜ୍ଞପ୍ତି ପାଇବା ପରେ ନିର୍ବିବାଦିତ ରାଶି ଜମା କରିବା ନିଯୁକ୍ତିଦାତାଙ୍କ ପକ୍ଷରେ ବାଞ୍ଛନୀୟ ଅଟେ ।

6. ବର୍ତ୍ତମାନ ମାମଲାପକ୍ଷେ, ଏହା କୁହାଯାଇ ନପାରେ ଯେ, ପୂର୍ବ ରାଶି ସ୍ୱାଧୀନ ଭାବରେ ପ୍ରଦାନ କରାଯାଇଥିଲା, ବରଂ ଏହା ସ୍ୱୀକୃତ ଯେ, ତାହା ଆୟୁକ୍ତଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି । ତେଣୁ, ଅଧିନିୟମର ଧାରା 8 ଅନ୍ତର୍ଗତ ପ୍ରାବଧାନଗୁଡ଼ିକର କାର୍ଯ୍ୟକାରିତା ଦୃଷ୍ଟେ, କ୍ଷତିପୂରଣ ବାବଦରେ ଆୟୁକ୍ତଠାରୁ ପୂର୍ବରୁ ପ୍ରାପ୍ତ ହୋଇଥିବା ପରିମାଣର ସମାଯୋଜନ ନକରିବାକୁ ଦାବିଦାରଙ୍କ ସପକ୍ଷରେ କୌଣସି କାରଣ ଦୃଷ୍ଟିଗୋଚର ହୁଏ ନାହିଁ ।

7. ଫଳସ୍ୱରୂପ, ଆବେଦନଟି ଖାରଜ କରାଯାଉଛି ।

*(ବି. ପି. ରାଉତରାୟ)*
*ନ୍ୟାୟମୂର୍ତ୍ତି*

*ବି.କେ.ବାରିକ/ସଚିବ*

HIGH COURT ORISSA

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

<u>ଅନୁବାଦିକା</u>
ସଙ୍ଗୀତା ସେନାପତି
ଓଡ଼ିଶା ଉଚ୍ଚ ନ୍ୟାୟାଳୟ ,କଟକ